# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 June – 2026

********************************

## ମୁଖ୍ୟ ସମ୍ବାଦ

- ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା; ରତ୍ନବେଦୀ ଛାଡ଼ି ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି

– ଦୁର୍ଲ୍ଲଭ ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦେବେ ଦର୍ଶନ

- ସାରର ଉପଲବ୍ଧତା ଏବଂ କଳାବଜାରିକୁ ରୋକିବା ପାଇଁ ୪୨ କୋଟି ଟଙ୍କାର ସୁଧ ରିହାତିକୁ ସରକାରଙ୍କ ମଞ୍ଜୁରି

- ବିଦ୍ୟାଳଗୁଡ଼ିକୁ ସଂଶୋଧିତ ପୁସ୍ତକ ପ୍ରଦାନ କରାଯିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସୂଚନା

- ପ୍ରଶାସନିକ ତଥ୍ୟର ସାମର୍ଥ୍ୟକୁ ଉନ୍ମୁକ୍ତ କରିବାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ ପରିସଂଖ୍ୟାନ ଦିବସ

ଏବଂ

- ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

# ପୁରୀ - ସ୍ନାନଯାତ୍ରା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଧାନ ଦ୍ୱାଦଶ ଯାତ୍ରା ମଧ୍ୟରେ ଦେବସ୍ନାନ ପୂର୍ଣ୍ଣିମା ଅନ୍ୟତମ। ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ପୁରୀ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ। ପୂର୍ଣ୍ଣିମାର ଏହି ଦୁର୍ଲଭ ଅବସରରେ ସ୍ୱୟଂ ମହାପ୍ରଭୁ ଜନ୍ମଗ୍ରହଣ କରିଥିଲେ। ଆଜି ଶ୍ରୀମନ୍ଦିରରେ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ଚାଲିଛି।

ପବିତ୍ର ସ୍ନାନଯାତ୍ରା ସମ୍ପର୍କରେ ଶୁଣନ୍ତୁ ସ୍ୱତନ୍ତ୍ର ଉପସ୍ଥାପନା...

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ **ପୁରୀ** ଶ୍ରୀମନ୍ଦିରରୁ ଶ୍ରୀଜୀଉମାନେ ରତ୍ନବେଦୀ ଛାଡ଼ି ଧାଡ଼ି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଛନ୍ତି। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପରେ ବଡ଼ ବାଡ଼ଗ୍ରାହୀ ଶ୍ରୀବଳଭଦ୍ର ଧାଡ଼ି ପହଣ୍ଡିରେ ଆସିଥିଲେ। ପରେ ଦେବୀ ସୁଭଦ୍ରା ଆସିବା ସହ ଶେଷରେ କୋଟି ଓଡ଼ିଆଙ୍କ ମଉଡମଣୀ ଶ୍ରୀଜଗନ୍ନାଥ ଚକାରେ ବିଜେ କରିଥିଲେ। ସୁନାକୂଅର ୧୦୮ ଗରା ସୁବାସିତ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଉଛି। ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ପାଇଁ ଶ୍ରୀଜୀଉମାନଙ୍କ ନୀତିକାନ୍ତି ବଡ଼ି ଭୋର୍‌ରୁ ଆରମ୍ଭ ହୋଇଥିଲା। ସ୍ନାନବେଦୀ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ଲାଗି ରହିଛି।

ସ୍ନାନ ପରେ ଶ୍ରୀଜୀଉମାନେ ଶ୍ରଦ୍ଧାଳୁଙ୍କୁ ଦୁର୍ଲ୍ଲଭ ଗଜାନନ ବେଶରେ ଦର୍ଶନ ଦେବେ। ସ୍ନାନଯାତ୍ରା ସମ୍ପର୍କରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ କରି ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ମାଝୀ ସମସ୍ତଙ୍କ ସୁଖ, ଶାନ୍ତି ପାଇଁ କାମନା କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ବଡ଼ଦାଣ୍ଡସ୍ଥିତ ରଥଖଳାରେ ପହଁଞ୍ଚି ରଥଯାତ୍ରା ପାଇଁ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ରଥ ମହାରଣାମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଆବଶ୍ୟକତା ବିଷୟରେ ଜାଣିବା ସହିତ ରଥ ନିର୍ମାଣ କାର୍ଯ୍ୟକୁ ଅଧିକ ସୁରୁଖୁରୁ ଓ ସମୟାନୁସାରେ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ମହାପ୍ରଭୁଙ୍କ ପହଣ୍ଡି, ଜଳଲାଗି ଓ ହାତୀବେଶ ଆଦି ନୀତିକୁ ଶୃଙ୍ଖଳିତ କରିବା ଲାଗି ସେବାୟତ ଓ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ୭୯ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ମୁତୟନ କରାଯାଇଛି। ପୁରୀ ବଡଦାଣ୍ଡ ଓ ସମ୍ପୂର୍ଣ୍ଣ ସହର ସିସିଟିଭି ସର୍ବେକ୍ଷଣ ମଧ୍ୟରେ ରଖାଯାଇଛି। ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ମହାର୍ଘ୍ୟ ଦିବ୍ୟଦର୍ଶନ ପାଇଁ ସମାଗମ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Nabarangpur/Subarnpur/Bhadrak/Rayagada/Boudh

# ସ୍ନାନପୂର୍ଣ୍ଣିମା

ରାଜ୍ୟର ବିଭିନ୍ନ ପ୍ରସିଦ୍ଧ ଶ୍ରୀଜୀଉଙ୍କ ମନ୍ଦିରଗୁଡ଼ିକରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେଉଛି ।

ବୌଦ୍ଧ ଜିଲ୍ଲାରେ ଥିବା ଶତାବ୍ଦୀ ପୁରାତନ ମନମୁଣ୍ଡା ଶ୍ରୀଦଧିବାମନ ମନ୍ଦିର, ନାୟକପଡ଼ା ପାତାଳି ଶ୍ରୀକ୍ଷେତ୍ର, ଠିଡିକାକୋର ଶ୍ରୀପୁରୁଷୋତ୍ତମ ଦେବ ଜଗନ୍ନାଥ ମନ୍ଦିର ସମେତ ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିର ମାନଙ୍କରେ ପବିତ୍ର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଛି ।

ରାୟଗଡ଼ା ଜିଲ୍ଲା ସଦର ମହକୁମା ଶ୍ରଦ୍ଧା ଶ୍ରୀକ୍ଷେତ୍ର ସମେତ ମୁନିଗୁଡ଼ା, ଗୁଣୁପୁର, ବିଷମକଟକ, କାଶୀପୁର ଆଦି ବିଭିନ୍ନ ଜଗନ୍ନାଥ ମନ୍ଦିରମାନଙ୍କରେ ଶ୍ରୀଜୀଉଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ହୋଇଯାଇଛି ।

ଭଦ୍ରକ ଜିଲ୍ଲାରେ ପୁରାତନ ଶାଳନ୍ଦୀ ନଗର ଜଗନ୍ନାଥ ମନ୍ଦିର ହରିବୋଲ କ୍ଷେତ୍ର କେଶପୁର, ନିମାପଡ଼ାର କପାଳି କ୍ଷେତ୍ର ସମେତ ୭ଟି ବ୍ଲକରେ ଥିବା ଜଗନ୍ନାଥ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସରିବା ପରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି ।

ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳାକ୍ଷେତ୍ର କୋଟସମଲାଇରେ ପାତାଳି ଶ୍ରୀକ୍ଷେତ୍ରଠାରେ ମଧ୍ୟ ରୀତିନୀତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟସ୍ନାନ ହୋଇଯାଇଛି।

ନବରଙ୍ଗପୁର ଜିଲ୍ଲାର ସମସ୍ତ ଜଗନ୍ନାଥ ମନ୍ଦିରରେ ଭକ୍ତିମୟ ପରିବେଶ ମଧ୍ୟରେ ନୀତିକାନ୍ତି ସମ୍ପନ୍ନ ହୋଇଛି।

HS

## କବିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ

ମହାପ୍ରତାପୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଆଜି ରାଜ୍ୟାଭିଷେକ ଦିବସ। ୧୪୩୫ ଖ୍ରୀଷ୍ଟାବ୍ଦ ଜୁନ୍ ୨୯ ତାରିଖ ଅର୍ଥାତ୍ ଆଜିର ଦିନରେ ମହାରାଜାଙ୍କ  ରାଜ୍ୟାଭିଷେକ ହେବା ସହିତ ତାଙ୍କୁ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଉପାଧି ପ୍ରଦାନ କରାଯାଇଥିଲା। ସେ ନିଜକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମସେବକ ଓ ଗଜପତି ଉପାଧିରେ ଭୂଷିତ କରିଥିଲେ। କପିଳେନ୍ଦ୍ର ଦେବ ୧୪୩୫ରୁ ୧୪୬୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ।

ମହାରାଜାଙ୍କ ରାଜ୍ୟାଭିଷେକ ଦିବସ ଉପଲକ୍ଷେ ଗଜପତି ଗୌରବ ଦିବସ ପାଳନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଗଜପତି କପିଳେନ୍ଦ୍ର ଦେବ  ଓଡ଼ିଆ ସ୍ୱାଭିମାନ, ବୀରତ୍ୱ ଓ ସୌର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର

ସୁରକ୍ଷା ତଥା ସାଂସ୍କୃତିକ ନବଜାଗରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

Desk

## ସାର ମହଜୁଦ ଯୋଜନା

ରାଜ୍ୟରେ ସାରର ଉପଲବ୍ଧତା ଏବଂ କଳାବଜାରୀକୁ ରୋକିବା ପାଇଁ ସମବାୟ ବିଭାଗ ପକ୍ଷରୁ ସାରର ପୂର୍ବ ମହଜୁଦ ଯୋଜନାକୁ ସରକାର ମଞ୍ଜୁର କରିଛନ୍ତି । ଯୋଜନାରେ ୫ ବର୍ଷରେ ୪୨ କୋଟି ଟଙ୍କାର ସୁଦ୍ଧ ରିହାତି ପ୍ରଦାନ କରାଯିବ । ଚଳିତ ଆର୍ଥିକ ବର୍ଷ ପାଇଁ ୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ପ୍ରାୟ ୨ ହଜାର ୭୦୦ ପ୍ରାଥମିକ କୃଷି ସମବାୟ ସମିତିକୁ ଏଥିରେ ସାମିଲ କରାଯିବ । ସମବାୟ ବିଭାଗର କମିଶନର ତଥା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ଥାୟୀ ଆର୍ଥିକ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିରେ କ୍ୟାସ୍ କ୍ରେଡିଟ୍ ଋଣ ଉପରେ ଶତପ୍ରତିଶତ ସୁଧ ରିହାତି ସରକାର ପ୍ରଦାନ କରିବେ । ଫଳରେ ସମବାୟ ସମିତିଗୁଡ଼ିକର ସାରର ଅଗ୍ରୀମ ମହଜୁଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ସୁଧମୁକ୍ତ ହୋଇପାରିବ । ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ ଏବଂ ସାର ବିକ୍ରୟ ସମୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ କ୍ୟୁଆର୍ କୋଡ଼ ମାଧ୍ୟମରେ କାରବାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

HS

## ସଂଶୋଧିତ ପୁସ୍ତକ ପ୍ରଦାନ

ରାଜ୍ୟର ବିଦ୍ୟାଳୟଗୁଡ଼ିକୁ ସଂଶୋଧିତ ପୁସ୍ତକ ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟିର ତଦନ୍ତ କରାଯାଇ ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଦ୍ୟାଳୟରେ ସଂଶୋଧିତ ବହିର ବଣ୍ଟନ, ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ପ୍ରଧାନ ଶିକ୍ଷକଙ୍କ ଜରିଆରେ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

Desk

# ପରିସଂଖ୍ୟାନ ଦିବସ

ଜାତୀୟ ପରିସଂଖ୍ୟାନ ଦିବସ ଆଜି ପାଳନ କରାଯାଉଛି । ଜାତୀୟ ବିକାଶ ସମ୍ପର୍କିତ ସାମାଜିକ, ଅର୍ଥନୈତିକ ଯୋଜନା ଏବଂ ନୀତି ପ୍ରଣୟନରେ ପରିସଂଖ୍ୟାନର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୦୭ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ୨୯ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି ପ୍ରଶାସନିକ ତଥ୍ୟର ସାମର୍ଥ୍ୟକୁ ଉନ୍ମୁକ୍ତ କରିବା । ଭାରତୀୟ ପରିସଂଖ୍ୟାନର ଜନକ କୁହାଯାଉଥିବା ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର

ମହଲାନୋବିଶଙ୍କ ପରିସଂଖ୍ୟାନ ପ୍ରତି ଅବଦାନକ ସମ୍ମାନ ଜଣାଇ ପ୍ରତିବର୍ଷ ତାଙ୍କ ଜୟନ୍ତୀରେ ଏହି ଦିବସ ପାଳନ କରାଯାଉଛି ।

Boudh

## ବିକାଶଧାରା କାର୍ଯ୍ୟକ୍ରମ

ରାଜ୍ୟ ସରକାରଙ୍କ 'ବିକାଶର ଧାରା, ଓଡ଼ିଶା ସାରା'–୨୦୨୬ କାର୍ଯ୍ୟକ୍ରମର ତୃତୀୟ ତଥା ଉଦ୍‌ଯାପନୀ ଦିବସ ବୌଦ୍ଧ ଜିଲ୍ଲାରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁସୂଚିତ ଜାତି, ଜନଜାତିଙ୍କ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ, ସରକାରୀ ଯୋଜନାଗୁଡ଼ିକର ସଠିକ କାର୍ଯ୍ୟାନ୍ୱୟନ ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା।

Boudh

## ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ କୃଷକ ବଜାରରେ ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ 'ମେକ୍ ଇନ୍ ବୌଦ୍ଧ, ମେକ୍ ଫର୍ ଓଡ଼ିଶା' ଆହ୍ୱାନକୁ ସଫଳ କରି ଜିଲ୍ଲାକୁ ଏକ ସମ୍ଭାବନାମୟ ଶିଳ୍ପକେନ୍ଦ୍ର ଭାବେ

ଗଢ଼ିତୋଳିବା ପାଇଁ ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିଛି ବୋଲି କହିଛନ୍ତି। ଯୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟମ ଏବଂ ମୁଖ୍ୟମନ୍ତ୍ରୀ ଏସ୍.ଆର୍.ଆଇ.ଏଲ୍ ଭଳି ଯୋଜନାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଶିଳ୍ପର ଅଭିବୃଦ୍ଧି, ନୂତନ ଉଦ୍ୟୋଗୀ ସୃଷ୍ଟି ଏବଂ ନିବେଶ ପାଇଁ ଅନୁକୂଳ ପରିବେଶ ଗଢ଼ିତୋଳିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ, ଷ୍ଟାର୍ଟ-ଅପ୍ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ଓ ସମ୍ଭାବ୍ୟ ନିବେଶକମାନେ ଯୋଗ ଦେଇଥିଲେ।

Rayagada

## ଦାନହୁଣ୍ଡି ଗଣତି

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ଦାନହୁଣ୍ଡି ପାଞ୍ଚ ମାସ ପରେ ଆଜି କଡ଼ାସୁରକ୍ଷା ମଧ୍ୟରେ ଖୋଲାଯାଇଛି। ଦାନବାକ୍ସରୁ ବାହାରିଥିବା ଟଙ୍କା ଗଣତି ଜାରି ରହିଛି। ଗତ ଜାନୁଆରୀ ୧୯ ତାରିଖରୁ ମା'ଙ୍କ ହୁଣ୍ଡିରୁ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫ ଟଙ୍କା ସହ ୩୦ ଗ୍ରାମ ସୁନା, ୧୨ କେଜି ୧୫୦ ଗ୍ରାମ ରୁପା ସଂଗ୍ରହ ହୋଇଥିଲା। ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୁଲିସର କଡ଼ାସୁରକ୍ଷା ମଧ୍ୟମରେ

ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୯ଟି ଦାନ ହୁଣ୍ଡି ଆଜି ସକାଳୁ ଖୋଲାଯାଇ ଗଣତି ଆରମ୍ଭ ହୋଇଛି ।

Desk

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡ଼ଘଡି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ରାଜ୍ୟରେ ବର୍ଷାର ପ୍ରଭାବରେ ସର୍ବୋଚ୍ଚ ତାପମାତ୍ରା ହ୍ରାସ ପାଇଛି ।  ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ରାଜଘାଟରେ ସର୍ବାଧିକ ୯୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

****